ଯାଜପୁର ଜିଲ୍ଲାରେ "ସପ୍ତମାତୃକା ମନ୍ଦିର ନିକଟରେ ବୈତରଣୀ ନଦୀର (ଦକ୍ଷିଣ ବାହୁ) ଅନ୍ତପ୍ରବାହରେ ବ୍ୟାରେଜ ନିର୍ମାଣ"ନିମନ୍ତେ ସାମାଜିକ ଆବଶ୍ୟକ ବେସରକାରୀ ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧ ତା. ୨୪.୦୬.୨୦୨୪ରିଖରେ ଅନୁଷ୍ଠିତ ବିଶେଷଜ୍ଞ କମିଟି ବୈଠକର ବିବରଣୀ ।

ଯାଜପୁର ସହରର "ସପ୍ତମାତୃକା ମନ୍ଦିର ନିକଟରେ ବୈତରଣୀ ନଦୀର (ଦକ୍ଷିଣ ବାହୁ) ଅନ୍ତପ୍ରବାହରେ ବ୍ୟାରେଜ ନିର୍ମାଣ"ନିମନ୍ତେ ଯାଜପୁର ତହସିଲ ଅନ୍ତର୍ଗତ ୟୁନିଟ-୯ ଇନ୍ଦ୍ରଆଖଣ୍ଡଳେଶ୍ୱର ନଗର ଓ ବିନ୍ଧାଣ ପ୍ରସ୍ତାବିତ ହୋଇଥିବା ଜମି ଅଧିଗ୍ରହଣ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ପାଇଁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର ଙ୍କ ଅଧକ୍ଷତାରେ ବିଶେଷଜ୍ଞ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ତା. ୨୪.୦୬.୨୦୨୪ରିଖରେ ପୂର୍ବାହ୍ନ ଘ.୧୧:00.ରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ ପ୍ରକୋଷ୍ଠ ରେ ଅନୁଷ୍ଠିତ ହୋଇ ଥିଲା ।

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଯାଜପୁର, ବିଶେଷଜ୍ଞ କମିଟିର ସମସ୍ତ ସଦସ୍ୟ ଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ହେଉଥିବା ଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ଆଇନ-୨୦୧୩ **(RFCTLAR&R Act-2013)** ଓ ଓଡିଶା ସରକାରଙ୍କ ଅଧିନିୟମ ନିୟମାବଳୀ-୨୦୧୬ **(ORFCTLAR&R Rules-2016)** ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପର ଆବଶ୍ୟକତା ଓ ସାମିଜିକ ପ୍ରଭାବ ଆକଳନ ଅଧ୍ୟୟନର ସାରମର୍ମ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ଓ ଅନ୍ୟ ସଦସ୍ୟମାନଙ୍କ ଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ନିଜର ମତାମତ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ । କମିଟିର ସଦସ୍ୟବୃନ୍ଦ ସାମାଜିକ ପ୍ରଭାବ ଆକଳନର ଚୂଡାନ୍ତ ବିବରଣୀକୁ ତର୍ଜମା କରି ନିମ୍ନୋକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ।

(୧) ଏହି ପ୍ରକଳ୍ପ ର ମୂଳ ଉଦ୍ଦେଶ୍ୟ ହେଉଛି ଜଳ ପ୍ରବାହ ,ଜଳସେଚନ ର ଉତ୍ସ ,ଜଳ ବିଦ୍ୟୁତ ଉତ୍ପାଦନ ଏବଂ ବିଭିନ୍ନ ଲାଭଦାୟକ ଉଦ୍ଦେଶ୍ୟ ରେ ନିୟନ୍ତ୍ରିତ ପରିବେଶ ସୃଷ୍ଟି କରିବା ।

(୨) ଏହା ଦ୍ୱାରା ଖରିଫ କୃଷି ଅମଳରେ ଉନ୍ନତି ହେବା ସହ କ୍ଷୀଣ ଜଳ ପ୍ରବାହ ସମୟରେ ଉଭୟ ସ୍ରୋତରେ ଆବଶ୍ୟକ ପରିମାଣ ଜଳ ପ୍ରବାହ ହୋଇପାରିବ ।

(୩) ମୌସୁମୀ ସମୟରେ ଏହି ଅଂଚଳ ରେ ବନ୍ୟା ପରିସ୍ଥିତି ଦେଖାଯାଇଥାଏ ଉକ୍ତ ପ୍ରକଳ୍ପ ଦ୍ୱାରା ବନ୍ୟା ହେବାର ଆଶଙ୍କା ହ୍ରାସ ପାଇବ ।

(୪) ଉକ୍ତ ପ୍ରକଳ୍ପ ଦ୍ୱାରା ଘରୋଇ ଉଦ୍ଦେଶ୍ୟରେ ଅଧିକ ନିୟନ୍ତ୍ରିତ ତଥା ନିରନ୍ତର ଜଳ ଯୋଗାଣ ସହ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହୋଇପାରିବ ।

(୫) କ୍ଷତିଗ୍ରସ୍ତ ଜମିମାଲିକ ମାନେ କିପରି ସରକାରୀ ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ ରାଶି ପାଇପାରିବେ ଏହାକୁ ନେଇ ବୈଠକରେ ଆଲୋଚନା ହେଲା ।

(୬) ଅଭିଯୋଗ ଏବଂ ଶୁଣାଣି ପ୍ରକ୍ରିୟା ଶୀଘ୍ର ଏବଂ ଗତିଶୀଳ ହେବ ଏବଂ କିପରି ଶୀଘ୍ର ସମାଧାନ ହୋଇପାରିବ ଏହା ନେଇ ଆଲୋଚନା ହେଲା ।

(୭) ଜନସାଧାରଣଙ୍କର ସାମାଜିକ, ଅର୍ଥନୈତିକ ମାନଦଣ୍ଡର ବିକାଶ ପାଇଁ ଉକ୍ତ ପ୍ରକଳ୍ପ ସହାୟକ ହେବ ବୋଲି ଆଶା କରାଯାଉଅଛି

(୮) ଯାଜପୁରର ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପାରିଲେ ସାମୁହିକ ଉନ୍ନତି ସମ୍ଭବ ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରକଳ୍ପ କାର୍ଯ୍ୟ ପାଇଁ ସହମତି ପ୍ରକାଶ କରନ୍ତି ।

ସର୍ବଶେଷରେ ଆବାହକ-ତଥା-ଉପଜିଲ୍ଲାପାଳ, ଯାଜପୁର ଉପସ୍ଥିତ ଥିବା ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେବା ସହିତ ସଭାସାଙ୍ଗ କରାଯାଇଥିଲା ।

୨୭.୦୩.୨୪

ଅଧକ୍ଷ-ତଥା-ଅତିରିକ୍ତ ଜିଲ୍ଲାପାଳ,(ରାଜସ୍ୱ)
ଯାଜପୁର

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### (ଭୂ-ଅର୍ଜନ (ସିଭିଲ) ଉପ-ବିଭାଗ)
### ବିଜ୍ଞାପନ

ସଂଖ୍ୟା ୭୪୧୬ ତା. ୨୩.୦୭.୨୦୨୪

ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ଧାରା ୭ ର ଉପଧାରା ୧ ମୁତାବକ "ସପ୍ତମାତୃକା ମନ୍ଦିର ନିକଟରେ ବୈତରଣୀ ନଦୀର (ଦକ୍ଷିଣ ବାହୁ) ଅନ୍ତପ୍ରବାହରେ ବ୍ୟାରେଜ ନିର୍ମାଣ **ନିମନ୍ତେ**" ଯାଜପୁର ଜିଲ୍ଲା ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀ ମୂଲ୍ୟାଙ୍କନ ନିମିତ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା. ୨୪.୦୬.୨୦୨୪ରିଖ ପୂର୍ବାହ୍ନ ଘ.୧୧: ୦୦.ରେ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ଓଡିଶା ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ନିୟମ, ୨୦୧୬ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ ଯାଜପୁର ଜିଲ୍ଲାପାଳଙ୍କ ଓ୍ୱେବ୍ ସାଇଟ୍‌ରେ ଉପଲବ୍ଧ ହେବ ।

୨୨.୦୭.୨୪

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୭୪୧୭ ତା. ୨୩.୦୭.୨୦୨୪

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୨୨.୦୭.୨୪

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୭୪୧୮ ତା. ୨୩.୦୭.୨୦୨୪

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଯାଜପୁର/ ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁର/ ଅଧିକ୍ଷଣ ଯନ୍ତ୍ରୀ, ଜଳସେଚନ ବିଭାଜନ, ଯାଜପୁର / ତହସିଲଦାର, ଯାଜପୁର/ ନିର୍ବାହୀ ଅଧିକାରୀ,ଯାଜପୁର ପୌରପାଳିକାଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁରଙ୍କୁ ବିଜ୍ଞାପନର ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନର ଗୋଟିଏ ନକଲ ୟୁନିଟ-୯ ଇନ୍ଦ୍ରଆଖଣ୍ଡଳେଶ୍ୱର ନଗର ଓ ବିନ୍ଧାଣ ମୌଜାର ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରିବେ ଏବଂ ଜିଲ୍ଲାପାଳ, ଯାଜପୁରଙ୍କ ଓ୍ୱେବ୍ ସାଇଟ୍‌ରେ ଉପଲବ୍ଧ କରାଇବାପାଇଁ ନିର୍ଦ୍ଦେଶ ଦିଆଗଲା ।

୨୨.୦୭.୨୪

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୬୪୧୯ ତା. ୨୩.୦୭.୨୦୨୪

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା/ ସ୍ୱତନ୍ତ୍ର ଶାସନ ସଚିବ, ଜଳ ସମ୍ପଦ ବିଭାଗ, ଓଡିଶା / ଯୁଗ୍ମ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବ୍ ସାଇଟ୍‌ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୬୪୨୦ ତା. ୨୩.୦୭.୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ୍ ବୋର୍ଡ / ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ, ଯାଜପୁର କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, ଯାଜପୁର ୱେବ୍ ସାଇଟ୍‌ରେ ତୁରନ୍ତ ପ୍ରକାଶନ କରିବେ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର